# ଜୁଆରରେ ଉଜୁଡ଼ିଯାଉଛି ଝାଉଁ ଜଙ୍ଗଲ

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଝାଉଁ ଜଙ୍ଗଲ ଜୁଆର ମାଡରେ ଉଜୁଡିଯିବାକୁ ବସିଲାଣି। ଏପରିକି ବରିପଦା ପଞ୍ଚାୟତର ମହାରୁଦ୍ରପୁର ଆଡିଆ ସମେତ ଆଡିଆର ବଙ୍ଗାଳିସାହି ଓ କଲ୍ୟାଣି ପଞ୍ଚାୟତର ଜହ୍ନିପୁରର ଭିଲ୍ଲା ଆଡିଆ ଗ୍ରାମଗୁଡିକ ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଲାଣି। ଲୁଣି ବନ୍ଧ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରି ଥକିଗଲେଣି, ତଥାପି ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନି।

ଏକଦା ସମୁଦ୍ର କୂଳବର୍ତ୍ତୀ ଗ୍ରାମର ଲୋକଙ୍କୁ ଲୁଣି ପାଣିରୁ ସୁରକ୍ଷା ଦେବା ଓ ଚାଷ ଜମି ସମେତ ଗ୍ରାମ ଭିତରକୁ ଜୁଆର ନ ଯିବା ପାଇଁ ସରକାର ସମୁଦ୍ର କୂଳରେ ଝାଉଁ ଜଙ୍ଗଲ ସୃଷ୍ଟି କରିଥିଲେ। ମାତ୍ର ସେହି ଝାଉଁ ଜଙ୍ଗଲକୁ ସୁରକ୍ଷା ଦେବା ନିମନ୍ତେ କୂଳରେ ସମୁଦ୍ର ବାଲି ପକାଇ ଉଚ୍ଚା ଆଡି କରାଯାଇଥିଲା। ମାତ୍ର ଜୁଆର ପାଣି ଏବେ ଆସି ଧୀରେ ଧୀରେ କୂଳରେ ମାଡ ହୋଇ ଉଚ୍ଚା ବାଲିବନ୍ଧ ଧୋଇଯିବାରୁ ଝାଉଁ ଗଛଗୁଡିକ ମୂଳରୁ ଉପୁଡି ପଡୁଛି। ଫଳରେ ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ବନ୍ଧ ଜୁଆର ମାଡରେ ନଷ୍ଟ ହୋଇଯାଇଛି। ସମୁଦ୍ର ଲୁଣି ଜୁଆର ପାଣି ଧୀରେ ଧୀରେ କଲ୍ୟାଣି ପଞ୍ଚାୟତର ଜହ୍ନିପୁର ଭିଲ୍ଲା ଆଡିଆ ଗ୍ରାମ ଓ ବରିପଦା ପଞ୍ଚାୟତର ମହାରୁଦ୍ରପୁର ଆଡିଆ, ବଙ୍ଗାଳି ସାହି ସମେତ ଗଦେଇ ସାଗର ନାଳ ଅଞ୍ଚଳରେ ଥିବା ଜନବସତି ଓ ଝାଉଁଜଙ୍ଗଲ ସମେତ ଚାଷଜମି ଆଡକୁ ମାଡିଯାଉଛି। ଯଦି ସମୁଦ୍ର କୂଳରେ ସରକାର ଲୁଣି ବନ୍ଧ ନିର୍ମାଣ ନ କରିବେ ତାହେଲେ ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ଦୁଇଟି ପଞ୍ଚାୟତର ୩ଟି ସାହି ସମୁଦ୍ର ଗର୍ଭରେ ଦିନେ ଲୀନ ହୋଇଯିବ। ଏଥିନିମନ୍ତେ ସ୍ଥାନୀୟ ଅଞ୍ଚଳର ଅକ୍ଷୟ ନନ୍ଦ ଦାସ, ଅଚ୍ୟୁତନନ୍ଦ ଦାସ, ଗୟାଧର ମହାଳିକ, ଅବନ୍ତି ମଣ୍ଡଳ, କାଳିଚରଣ ଦାସ, ସନ୍ତୋଷ କୁମାର ମଣ୍ଡଳ, ଜଗବନ୍ଧୁ ମଲ୍ଲିକ, ଅଶୋକ ଦାସ, କାର୍ତ୍ତିକ ମଣ୍ଡଳ, ଗଣେଶ ମଣ୍ଡଳ ଓ ଗୌତମ ମଣ୍ଡଳ ପ୍ରମୁଖ ଗ୍ରାମବାସୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଜିଲା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଦେଖା କରି ସମୁଦ୍ର କୂଳର କଲ୍ୟାଣି ପଞ୍ଚାୟତର ଭିଲ୍ଲା ଆଡିଆଠାରୁ ବରିପଦାର ମହାରୁଦ୍ରପୁର ଆଡିଆ ସମେତ ଗଦେଇ ସାଗର ନାଳ ପର୍ଯ୍ୟନ୍ତ ୨ କିଲୋମିଟର ଦୂରତ୍ୱ ନିମନ୍ତେ ଏକ ଲୁଣି ବନ୍ଧ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଏପର୍ଯ୍ୟନ୍ତ କଣ ପଦକ୍ଷେପ ନିଆଯାଇଛି ତାହା ସେମାନେ ଜାଣିନାହାନ୍ତି। ଲୁଣି ବନ୍ଧ ନିର୍ମାଣ କରାଗଲେ ସମୁଦ୍ର କୂଳରେ ନଷ୍ଟ ହେବାକୁ ଯାଉଥିବା ଝାଉଁ ଜଙ୍ଗଲ ସମେତ ଦୁଇଟି ପଞ୍ଚାୟତର ୩ଟି ଗ୍ରାମ ଓ ଚାଷ ଜମି ସୁରକ୍ଷିତ ହୋଇପାରିବ।

–ଅରୂପ କୁମାର ଦାସ, ବାହାନଗା



ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ଝାଉଁ ଜଙ୍ଗଲ।

# ଜନ୍ମମାଟିରେ ନାଟ୍ୟଶ୍ରୀ ନିର୍ମଳ ରାଉତଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ,୯।୯

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତଙ୍କୁ ତାଙ୍କ ଜନ୍ମମାଟି ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କଲେଇରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ବିଜେଡିର ଯୁବ ସମ୍ପାଦକ ତାପସ ରାୟ, ଶିକ୍ଷକ ସଂଘ ନେତା ବାବୁଲା ରାଉତ ଓ ଅଭିନେତା ନିରଞ୍ଜନ ନାୟକ ଯୋଗ ଦେଇଥିଲେ। ଗାଁ ମାଟିର ମହକ ସ୍ମୃତି ସବୁକୁ ଉଜ୍ଜୀବିତ କରିଥାଏ ବୋଲି ନାଟ୍ୟଶ୍ରୀ ରାଉତ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ କହିଥିଲେ। ଯାତ୍ରା ମହାସଂଘର ପୁରୋଧା ଭଦ୍ରକ କଳାକାର ମଞ୍ଚର ସମ୍ପାଦକ କାଳିନ୍ଦୀ ମଲ୍ଲିକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ବାରିକ, ସାମାଜିକ କର୍ମୀ ଜଗନ୍ନାଥ ବେହେରା, ନୀର ସ୍ୱାଇଁ, ଶଶଧର ନାୟକ, ଶିକ୍ଷକ ସଂଘ ନେତା ଭାସ୍କର ନାୟକ, ଖବରଦାତା ସୌମ୍ୟକାନ୍ତ ରାଉତରାୟ, ସୁଜିତ ବେହୁରିଆ, ଅଭିଷେକ ନାୟକ, ମନୋଜ ପୁହାଣ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ପ୍ରିୟଦର୍ଶିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ନିର୍ମଳ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ବିଚିତ୍ରାନନ୍ଦ ସାହୁ
ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର, ଧାମନଗର ଶାଖା

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅଶୋକ କୁମାର ଦାସ
ସମ୍ପାଦକ, ଗାନ୍ଧୀ ବାଳାଶ୍ରମ, ଭଦ୍ରକ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ।
ରାଜଲକ୍ଷ୍ମୀ ମହାପାତ୍ର
ଜିଲ୍ଲା ବିଜେଡି ମହିଳା ମୋର୍ଚ୍ଚା ଉପସଭାପତି, ଭଦ୍ରକ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଉମେଶ ଚନ୍ଦ୍ର ମହାନ୍ତି
ବିଜେଡି ବ୍ଲକ ସଭାପତି, ଧାମନଗର

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଫୁଲ୍ଲ ପାତ୍ର
ଭଗବାନପୁର ସରପଞ୍ଚ, ଧାମନଗର

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଭାସ୍କର ଚନ୍ଦ୍ର ଦାସ
ବ୍ଲକ କୃଷି ଅଧିକାରୀ, ଧାମନଗର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର ଶୁଭ ଅଭିନନ୍ଦନ ଜଣାଉଛି।
ସଞ୍ଜୟ କୁମାର ମହାନ୍ତି
ଶାଖା ପରିଚାଳକ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମଞ୍ଜୁଲତା ମଣ୍ଡଳ
ଏମ୍‌ପି, ଭଦ୍ରକ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଦୀପ କୁମାର ମଲ୍ଲିକ
ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ସମିତିସଭ୍ୟ, ଧାମନଗର

ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଅବଦାନ ଅତୁଳନୀୟ। ଏଣୁ ଯଦି ନ ରହିବ ଆଇସିଡିଏସ୍, ସବୁ ଯୋଜନା ସେଇଠି ଶେଷ ।
ନମିତା ଦାସ
ସିଡିପିଓ, ଧାମନଗର

SRIRAM RESIDENTIAL COLLEGE 2013
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଉତ୍ତର ଓଡ଼ିଶାର ସମସ୍ତ ପାଠକ/ପାଠିକାମାନଙ୍କୁ ଶ୍ରୀରାମ ରେସିଡେନ୍‌ସିଆଲ କଲେଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅନେକ ଅନେକ ଶୁଭେଚ୍ଛା।
ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ଦେ
ସମ୍ପାଦକ, ଶ୍ରୀରାମ ରେସିଡେନ୍‌ସିଆଲ କଲେଜ, ସୋର, +୨ ବିଜ୍ଞାନ ଓ +୩ ବିଜ୍ଞାନ

-:ଅଭିନନ୍ଦନ:-
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ତେଲକୋଇ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
ମାନସ କୁମାର ନାଏକ
ସରପଞ୍ଚ, ତେଲକୋଇ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ।
ସୁବ୍ରତ ଦାସ
ଜିଲ୍ଲା କଂଗ୍ରେସ ସଭାପତି, ଭଦ୍ରକ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ସୁରଥ ଚନ୍ଦ୍ର ସେଠୀ
ଜିଲ୍ଲା ପରିଷଦ ସଭ୍ୟ, ଧାମନଗର ଜୋନ୍

-:ଅଭିନନ୍ଦନ:-
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଅଶ୍ୱିନୀ କୁମାର ନାଏକ
ତହସିଲଦାର, ତେଲକୋଇ

-:ଅଭିନନ୍ଦନ:-
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଅମିତାଭ ଦାସ
ଥାନାଧିକାରୀ, ତେଲକୋଇ

-:ଅଭିନନ୍ଦନ:-
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ଦିଲ୍ଲୀପ କୁମାର ବାରା
ବି.ଡି.ଓ., ତେଲକୋଇ

-:ଅଭିନନ୍ଦନ:-
'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।
ଧନୁର୍ଜୟ ସିଦ୍ଧୁ
ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

## ଚୋରି ଉଦ୍ୟମ ଫସର ଫାଟିଲା

**ଖୁଣ୍ଟା/କୁଆମରା (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ପୋଲିସ ଗୁରୁବାର ସକାଳୁ ଏକ ସ୍କର୍ପିଓ ଜବତ କରିଛି। ଗତ ବୁଧବାର ପାଟ୍ରୋଲିଂ ସମୟରେ ଉକ୍ତ ସ୍କର୍ପିଓକୁ ଦୁର୍ବୃତ୍ତ ଛାଡ଼ି ଫେରାର ହୋଇଯାଇଥିଲେ। ଗାଡ଼ି ମଧରେ କଟର ସହିତ ଚୋରି ସରଞ୍ଜାମ ରହିଥିବା ପୋଲିସ କହିଛି। ଉକ୍ତ ଗାଡିର ଗୋଟିଏ ନମ୍ବର ଥିବା ବେଳେ ଦୁର୍ବୃତ୍ତମାନେ ଅନ୍ୟ ଏକ ନମ୍ବର ପ୍ଲେଟ ଯୋଡ଼ିଦେଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସର୍ଣ୍ଣଲତା ମିଞ୍ଜ କହିଛନ୍ତି।

### ସଂକ୍ଷେପରେ

## ମୋଟର ଆଇନ ଯାଞ୍ଚରେ ୩୦,୫୦୦ ଜରିମାନା

ପାଟଣା,୯।୯(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ଥାନା ପକ୍ଷରୁ ୨୨୦ ନମ୍ବର ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ର ସ୍ୱାମ ପୋଲ ଓ ଏହି ରାସ୍ତା ର ସାହାରପଡା ଫାଣ୍ଡି ସମ୍ମୁଖ ରେ ବୁଧବାର ମୋଟର ଯାନ ଯାଞ୍ଚ କରି ପୋଲିସ ମୋଟ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଅନୁରୁପ ଭାବେ ତୁରୁମୁଙ୍ଗା ପୋଲିସ ପକ୍ଷରୁ ଝାରବେଡା ଓ ନିହୁଆ ନିକଟରେ ବିନା ହେଲମେଟରେ ଥିବା ୧୧ ଜଣ ବାଇକ ଆରୋହୀଙ୍କ ଠାରୁ ୫,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପାଟଣା ଥାନା ପକ୍ଷରୁ ଏହି ଯାଞ୍ଚରେ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ଶିବଶଙ୍କର ଅଲଦା, ସାହାରପଡା ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ ସାମିଲ ହୋଇଥିବା ବେଳେ ତୁରୁମୁଙ୍ଗା ଥାନା ଅଧିକାରୀ ବୈଦ୍ୟନାଥ ସାହୁଙ୍କ ସହ ଏସ୍ଆଇ ଭରତ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସହାୟତା ଦାବି କଲେ ଭୂୟାଁ ଆଦିବାସୀ

କେନ୍ଦୁଝର, ୯।୯ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଟି ପଞ୍ଚାୟତ ତେନ୍ତୁଳୀମୌଜାର ଜାମୁଡିହା (କ) ରେ ବହୁ କାଳରୁ ବସବାସ କରୁଥିବା ଭୂୟାଁ ଆଦିବାସୀ ମାନେ ସରକାରୀ ସହାୟତା ଦାବି କରିଛନ୍ତି। ଏନେଇ ସେମାନେ ଗୁରୁବାର ଜିଲାପାଳଙ୍କ ପାଖକୁ ଆସି ଦାବିପତ୍ର ଦେଇଛନ୍ତି। ସରକାରଙ୍କ ତରଫରୁ ଭୂୟାଁ ମାନଙ୍କ ପାଇଁ ସହାୟତା ଦେବାର ଯୋଜନା କରିଥିଲେ ହେଁ ସେମାନଙ୍କ ଗ୍ରାମକୁ ସାମିଲ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଉକ୍ତ ମୌଜାରେ ପାଖାପାଖି ଶହେ ଭୂୟାଁ ପରିବାର ରହୁଛନ୍ତି। ୱାର୍ଡ ମେମ୍ବର ସଞ୍ଜୟ ଦେହୁରୀଙ୍କ ନେତୃତ୍ୱରେ ଗ୍ରାମର ମହିଳା ଓ ପୁରୁଷ ମାନେ ଆସି ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ।

## ଟ୍ରକ୍ ଚାଳକଙ୍କୁ ହତ୍ୟା ଘଟଣା ୪ ଗିରଫ, ନାବାଳକଙ୍କୁ ପଠାଗଲା ବାଳସୁଧାର ଗୃହ

ବିଶୋଇ, ୯।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ସ୍ଥିତ ୪୯ ନଂ ଜାତୀୟ ରାଜପଥରେ ଅଗଷ୍ଟ ୧୬ ତାରିଖ ବିଳମ୍ବିତ ରାତିରେ ମଣ୍ଟୁ ରାଜପୁତ ନାମକ ଜଣେ ଟ୍ରକ୍‌ଚାଳକଙ୍କ ଠାରୁ ଲୁଟ୍ ଉଦ୍ୟମ ବେଳେ ଦୁର୍ବୃତ୍ତ ମାନେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୋନାରାମ ପାତ୍ର, ବଳରାମ ପାତ୍ର, ରାଜୁ ପାତ୍ର, ଏବଂ ବାରିପଦା ସଦର ଥାନା ଅନ୍ତର୍ଗତ ଶରତଚନ୍ଦ୍ରପୁର ଗ୍ରାମର ରାଜୁ ପାତ୍ର। ଏନେଇ ପୋଲିସ ଏକ ମାମଲା (ନଂ.୧୦୪/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତ ବୁଧବାର ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଜଣେ ନାବାଳକଙ୍କୁ ବାରିପଦା ବାଳସୁଧାର ଗୃହକୁ ପଠାଇଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ପଦ୍ମପୁର,୯।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ଗ୍ରାମର ପ୍ରଫୁଲ୍ଲ କୁମାର ପୁହାଣ ନାମକ ଯୁବକଙ୍କୁ ବୁଧବାର ରାତିରେ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ନାୟକାଣୀଡିହି ଥାନାରେ ମାମଲା(ନଂ.୨୨୫/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ରାତିରେ କରଞ୍ଜଆଡ଼ିଆ କଲେଜଠାରେ ବସିଥିବା ବେଳେ ୧୦ରୁ ଅଧିକ ଯୁବକ ଆସି ଖଣ୍ଡା, ଭୁଜାଲି ଓ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତଦନ୍ତ ଚାଲିଥିବା ବେଳେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ ମିଶ୍ର କହିଛନ୍ତି।

## ବିଜେଡିର ବୈଠକ

କୁଳିଅଣା,୯।୯(ଡି. ଏନ. ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ୮ନଂ. ଜୋନ ବିଜେଡି ବୈଠକ ସୋମବାର ଅପରାହ୍ନରେ କୁଚେଇଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁଧାଂଶୁ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଦୁର୍ଗା ଚନ୍ଦ୍ର ମାରାଣ୍ଡି, ଦୀପକ କୁମାର ମିଶ୍ର, ଶୁଭେନ୍ଦୁ ବସୁରି, ଅନନ୍ତ ହେମ୍ବ୍ରମ, ଦିଲ୍ଲୀପ ମୁର୍ମୁ, ଚୁମୁରାମ ମାରାଣ୍ଡି, ପ୍ରକେତନ ଦତ୍ତ, ଚକ୍ରଧର ଜେନା, ଦଶରଥ ହାମ୍ବରମ ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକଳାରେ ସଚେତନତା ବାର୍ତ୍ତା

ଚିତ୍ରକଳାରେ ନିଜର ପାରଦର୍ଶିତା ଦେଖାଇ ଦେଶ ବିଦେଶରେ ସୁନାମ ଅର୍ଜନ କରୁଛନ୍ତି ବାରିପଦାର ଯୁବ ଚିତ୍ରଶିଳ୍ପୀ ମାନସରଞ୍ଜନ ପତି । କାଳ୍ପନିକ ଚିତ୍ର ପ୍ରସ୍ତୁତ କରିବା ଅପେକ୍ଷା ସମସାମୟିକ ସାମାଜିକ ପରିସ୍ଥିତି ସହିତ ଅସଜଡ଼ା ପରିବେଶର କରାଳ ରୂପକୁ ସେ ଚିତ୍ରକଳାରେ ସ୍ଥାନିତ କରି ସଚେତନତା ବାର୍ତ୍ତା ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି । ଦର୍ଶକଙ୍କର ଭାବନାକୁ ଛୁଇଁଲା ଭଳି ଚିତ୍ର ପ୍ରସ୍ତୁତିକୁ ପ୍ରାଥମିକତା ଦେଇ ଆସୁଛନ୍ତି।

କଳା ଓ ସଂସ୍କୃତିର ସହର ମୟୂରଭଞ୍ଜର ସନ୍ତାନ ମାନସଙ୍କ ପିଲାଟି ଦିନରୁ ଚିତ୍ରକଳା ପ୍ରତି ଆଗ୍ରହ ଥିବାରୁ ବାପା ଦାମୋଦର ପତି ତାଙ୍କୁ ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ ପାଇଁ ପଠାଇଥିଲେ। ସେହି ମହାବିଦ୍ୟାଳୟରୁ ୨୦୦୧ରେ ଚାରୁକଳାରେ ଡିଗ୍ରୀ ହାସଲ ପରେ ତୈଳଚିତ୍ର, ଜଳ ରଙ୍ଗ ଚିତ୍ର, ସମସାମୟିକ ଆଧୁନିକ ଚିତ୍ର ଆଙ୍କି


ନିଜ ସୃଷ୍ଟି ସହ ମାନସ।

ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେ। ଅଦ୍ୟାବଧି ପ୍ରାୟ ୧୫୦ଟି ଚିତ୍ର ପ୍ରସ୍ତୁତ କରି ପ୍ରଶଂସକଙ୍କ ମନ ଜିଣିଛନ୍ତି । ତାଙ୍କ ଦ୍ୱାରା ପ୍ରସ୍ତୁତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ତୈଳଚିତ୍ର ବାରିପଦା ପୌରପରିଷଦର ସମ୍ମିଳନୀ କକ୍ଷରେ ସ୍ଥାନିତ ହୋଇଛି। ଯାହାକି ସମସ୍ତଙ୍କୁ ଚକିତ କରୁଛି। ସେ ଭୁବନେଶ୍ୱର ଓ ବାରିପଦାଠାରେ ଅନୁଷ୍ଠିତ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ବେଶ ପ୍ରଶଂସିତ ହୋଇଛନ୍ତି। ତାଙ୍କ ଚିତ୍ରକଳା ଦର୍ଶକମାନଙ୍କ ଦ୍ୱାରା ବେଶ ଆଦୃତ ହେବା ସହ ବିକ୍ରି ମଧ୍ୟ ହେଉଛି। କରୋନା ମହାମାରୀ ପ୍ରକୋପରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ଚିତ୍ରକଳାରେ ଜୀବନ୍ତ ରୂପ ଦେଇ ନୂଆ ପରିଚୟ ପାଇଛନ୍ତି। ପଡ଼ୋଶୀ ରାଷ୍ଟ୍ର ନେପାଳରେ ଅନଲାଇନ୍ ମାଧ୍ୟମରେ ଅନୁଷ୍ଠିତ କରୋନା ସଚେତନତା ସମ୍ବନ୍ଧୀୟ ଅନ୍ତର୍ଜାତୀୟ ଚିତ୍ର ପ୍ରଦର୍ଶନୀରେ ସେ ଅଂଶ ଗ୍ରହଣ କରିଥିଲେ। ନେପାଳର କ୍ଲାସିକ ଗ୍ୟାଲେରୀରେ ପ୍ରଦର୍ଶିତ ବିଭିନ୍ନ ଦେଶର ଚିତ୍ରଶିଳ୍ପୀମାନଙ୍କ କରୋନା ସମ୍ବନ୍ଧୀୟ ଚିତ୍ରକଳାରେ ମାନସଙ୍କ ପ୍ରଦର୍ଶିତ ଚିତ୍ରକଳା ଉଚ୍ଚ ପ୍ରଶଂସିତ ହୋଇଥିଲା । ପ୍ରଦର୍ଶିତ ଚିତ୍ରକଳାଟି ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ମଧ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଛି। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଭାଗୀୟ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ତାଙ୍କ ଚିତ୍ରକଳାର ପ୍ରଶଂସା କରିଛନ୍ତି। ସେହିପରି ବୁର୍ଲାଠାରେ ହୋପ୍ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଜାତୀୟସ୍ତରର କୋଭିଡ୍–୧୯ ଚାରୁକଳା ପ୍ରତିଯୋଗିତାରେ ମଧ୍ୟ ସେ ଅନଲାଇନ୍‌ରେ ଭାଗ ନେଇ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ବାରିପଦାରେ ଏକ ଆର୍ଟ ଆଡଭାର୍ଟାଇଜମେଣ୍ଟ ସଂସ୍ଥା ଆରମ୍ଭ କରି ନିଜେ ଆତ୍ମସନ୍ତୋଷ ପାଇବା ସହିତ ଅନେକଙ୍କୁ ରୋଜଗାର ମଧ୍ୟ ଯୋଗାଇଛନ୍ତି ।

**–ନିଳାଦ୍ରୀ ବିହାରୀ ଦଣ୍ଡପାଟ,** ବାରିପଦା

## ଅନୀଲ କୁମାର ଷଣ୍ଢ ସଭାପତି, କମଳାକାନ୍ତ ସେଠୀ ସମ୍ପାଦକ

### ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ

କେନ୍ଦୁଝର,୯।୯(ଡି.ଏନ.ଏ.)

ଓଡ଼ିଶା ପୋଲିସ ହାବିଲଦାର, କନେଷ୍ଟବଲ ସଂଘ କେନ୍ଦୁଝର ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷିତ ହୋଇଛି। ସଭାପତି ଭାବରେ ଅନୀଲ କୁମାର ଷଣ୍ଢ ୬୧୭ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜୟକୃଷ୍ଣ ଦାସ ୧୯୮ ଖଣ୍ଡ ଭୋଟ ପାଇଛନ୍ତି ଓ ୫ଟି ଭୋଟ ଖାରଜ ହୋଇଛି। ସେହିପରି ସମ୍ପାଦକ ଭାବରେ କମଳାକାନ୍ତ ସେଠୀ ୬୭୭ ଖଣ୍ଡ ଭୋଟ ପାଇ ଜିତିଛନ୍ତି। ଉପସଭାପତି ଭାବେ ପ୍ରବୀଣ ମହାନ୍ତ ୬୭୩ ଖଣ୍ଡ ଭୋଟ ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ଦେବାଶିଷ ରାଉତ ୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ନିରଞ୍ଜନ ଘଡେଇ, ସେହିପରି ୫ଟି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅନ୍ତର୍ଯ୍ୟାମୀ ନାଏକ, ସରୋଜ କୁମାର ନାଏକ, ରାଜକିଶୋର ଜେନା, ଚନ୍ଦନ କୁମାର ପାତ୍ର ଓ ଦିଲୀପ କୁମାର ହାଇବ୍ରୁ ବିଜୟଲାଭ କରିଛନ୍ତି।

## ଖଣ୍ଡା ଚୋଟରେ ଭାଇଭାଉଜ ଗୁରୁତର

### ସାନଭାଇ ଗିରଫ

ବେତନଟୀ,୯।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟି ଥାନା କେସିପୁର ଫାଣ୍ଡି ଅଧୀନ ଲଙ୍ଗଳକଟା ଗ୍ରାମରେ ଗୁରୁବାର ସାନଭାଇ ଖଣ୍ଡା ଚୋଟରେ ଭାଇଭାଉଜ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଦମ୍ପତି ହେଲେ ଝିଲି ସେଠୀ ଓ ମୋତିଲାଲ ସେଠୀ। ସେମାନଙ୍କୁ ପ୍ରଥମେ କେସିପୁର ଡାକ୍ତରଖାନା ନିଆଯାଇଥିଲା। ପରେ ବାରିପଦା ପିଆର୍ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏନେଇ ମୋତିଲାଲଙ୍କ ଝିଅ ଶ୍ୱେତାଙ୍କ ଲିଖିତ ଅଭିଯୋଗ କ୍ରମେ ବେତନଟି ପୋଲିସ ମାମଲା (ନଂ.୨୪୭/୨୦୨୧) ରୁଜୁ କରିବା ସହ ଅଭିଯୁକ୍ତ ରାଜେଶ ସେଠୀଙ୍କୁ ଗିରଫ କରିଛି। ଝିଲି ଘର କୂଅରୁ ପାଣି କାଢୁଥିବା ବେଳେ ଦିଅର ରାଜେଶ କୂଅ ମୁଁ ତିଆରି କରିଛି, ଟଙ୍କା ନ ଦେଲେ ପାଣି କାଢ଼ିପାରିବ ନାହିଁ ବୋଲି କହି ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମୋତିଲାଲ ଘଟଣାସ୍ଥଳକୁ ଦୌଡ଼ି ଆସିବା ବେଳେ ତାଙ୍କୁ ମଧ ରାଜେଶ ଆକ୍ରମଣ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

### ସିଡିପିଓଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ଉଦଳା, ୯।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତ ମୂଷାଖାଇ୧୦ ନଂ. ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର କର୍ମୀ ଚୟନରେ ଅନିୟମିତତା ନେଇ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ଦେହାନ୍ତ ପରଠାରୁ ଦୀର୍ଘଦିନ ହେବ ଉକ୍ତ ପଦବୀ ଫାଙ୍କା ପଡ଼ିଥିଲା। ଶେଷରେ ନୂତନ କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ୫ ମହିଳା ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କୁ କର୍ମୀ ଭାବେ ନିଯୁକ୍ତି ମିଳିଛି। କିନ୍ତୁ ଉକ୍ତ ମହିଳା ମୂଷାଖାଇ ଗ୍ରାମରେ ନ ରହି ବିସିପୁର ଅଞ୍ଚଳରେ ତାଙ୍କ ବାପଘରେ ରହୁଛନ୍ତି। ଏଣୁ ସ୍ଥାନୀୟ ଅଞ୍ଚଳର ନ ହୋଇ ସେ ଏହି ୱାର୍ଡ ନିମନ୍ତେ କିଭଳି ଆବେଦନ କରି ନିଯୁକ୍ତି ପାଇଲେ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହାବ୍ୟତୀତ ଉକ୍ତ ମହିଳାଙ୍କର ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଅନ୍ୟ ଆବେଦନକାରୀଙ୍କଠାରୁ କମ୍ ରହିଛି। ସେ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କଲେ ସେମାନଙ୍କ ପିଲାଙ୍କୁ ପଢ଼ିବା ଲାଗି ପଠାଇବେ ନାହିଁ ବୋଲି କହିଛନ୍ତି। ଉକ୍ତ ନିଯୁକ୍ତିକୁ ଖାରଜ କରି ଆବେଦନ ସମୟରେ ଥିବା ୱାର୍ଡର ଅନ୍ୟ ଦୁଇ ମହିଳାଙ୍କ ମଧ୍ୟରୁ ଜଣଙ୍କୁ ଚୟନ ଲାଗି ଦାବି ହୋଇଛି।

ଏହି ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଶୁଙ୍ଗି ମୁର୍ମୁ, ମିନି ହାଁସଦା, ଶ୍ରୀମତୀ ହେମ୍ବ୍ରମ, ମାନକ ହେମ୍ବ୍ରମ, ବାସନ୍ତୀ ହେମ୍ବ୍ରମ, ଗୋପୀନାଥ ହେମ୍ବ୍ରମ, ଦେବତା ମଣି ମାରାଣ୍ଡି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ଆଲାଦି ମାରାଣ୍ଡିଙ୍କୁ ପଚାରିବାରୁ ନିଯୁକ୍ତି ପାଇଥିବା ମହିଳା ଉକ୍ତ ଗ୍ରାମର ବୋହୂ ହୋଇଥିବାରୁ ତାଙ୍କୁ ନିଯୁକ୍ତି ଦିଆଯାଇଛି, ତଥାପି ଗ୍ରାମବାସୀଙ୍କ ଅଭିଯୋଗ ଉପରେ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ଯବାନଙ୍କ ସମେତ ୨ ଗିରଫ

### ପେଟ୍ରୋଲ ପମ୍ପ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା

ବାରିପଦା ଅଫିସ,୯।୯

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳର ଏକ ପେଟ୍ରୋଲ ପମ୍ପରେ ନିୟୋଜିତ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ଜଣେ ଯବାନଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଯବାନ ହେଲେ କୋଷ୍ଟା ଅଞ୍ଚଳର ଦ୍ୱାରିକା ନାଏକ ଓ ଅନ୍ୟ ଜଣକ ଚାନ୍ଦୁଆ ଅଞ୍ଚଳର ରାଜୀବ ମହାନାଏକ।

ଘଟଣାରୁ ପ୍ରକାଶ, ଯବାନ ଦ୍ୱାରିକା ଓ ରାଜୀବ ବାରିପଦା ଅଭିମୁଖେ ଆସୁଥିବାବେଳେ ଉକ୍ତ ପେଟ୍ରୋଲ ପମ୍ପରେ ୨ଶହ ଟଙ୍କାର ତେଲ ପକାଇଥିଲେ। ୨୫କି.ମି. ଯିବା ପରେ ତେଲ ସରିଯିବାରକୁ କେନ୍ଦ୍ର କରି ଦ୍ୱାରିକା ଉକ୍ତ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ ମାରି ତଳେ ପକାଇ ଦେଇଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରିକି ହତ୍ୟା ଧମକ ଦେଇଥିଲେ ବୋଲି ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି। ଦ୍ୱାରିକାଙ୍କ ସହ ଥିବା ରାଜୀବ ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀଙ୍କ ସହିତ ପାଟି ତୁଣ୍ଡ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଶୁଳିଆପଦା ପୋଲିସ ୨ଜଣଙ୍କ ନାମରେ ପୃଥକ ମାମଲା ରୁଜୁ କରିଛି।

## ଅନ୍‌ଲାଇନ ପରୀକ୍ଷା ଦାବିକଲେ ଛାତ୍ରୀଛାତ୍ର

ଆରଡ଼ି, ୯।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଇନ୍ଦିରା ଗାନ୍ଧୀ ମେମୋରିଆଲ +୩ ବୈଷୟିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରତିବାଦ ସଭା କରାଯିବା ସହ ଅନ୍‌ଲାଇନ ପରୀକ୍ଷା ଦାବି ହୋଇଛି। ଏନେଇ ଏକ ଦାବିପତ୍ର କଲେଜ ଅଧକ୍ଷଙ୍କ ମାଧ୍ୟମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଅଫ୍‌ଲାଇନରେ ପ୍ରଥମ ସେମିଷ୍ଟର ପରୀକ୍ଷା ଦେବେ ବୋଲି ଚଳିତମାସ ୩ ତାରିଖରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞାପନ ଜାରି କରାଯାଇଥିଲା। ଛାତ୍ରୀଛାତ୍ର ଏହାକୁ ବିରୋଧ କରିବା ସହ ପୁନର୍ବିଚାର ସ୍ୱରୂପ ଅନ୍‌ଲାଇନରେ ପରୀକ୍ଷା ପାଇଁ ଦାବି ଜଣାଇଛନ୍ତି। ଗତଥର କୋଭିଡ୍ କଟକଣା ଯୋଗୁ କ୍ଲାସ ହୋଇ ନ ଥିଲା। କେବଳ ମାସରେ ଥରେ କିମ୍ବା ଦୁଇଥର କ୍ଲାସ କରି ବର୍ଷ ସାରି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। କୋଭିଡ୍‌ର ୩ୟ ଲହର ଆଗକୁ ଅନୁଭୂତ ହେବାର ସମ୍ଭାବନା ରହିଛି। ଏପରି ସ୍ଥଳେ ଅଫ୍‌ଲାଇନ ପରୀକ୍ଷା ଯାଥାର୍ଥ ନୁହେଁ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ କୋଭିଡ୍ ଟିକା ଦେବା ସହ ଅନ୍‌ଲାଇନ ପରୀକ୍ଷା କରାଯିବାକୁ ନିବେଦନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦାବିକୁ ଉପେକ୍ଷା କରାଗଲେ ଜିଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


କଲେଜ ପରିସରରେ ଛାତ୍ରୀଛାତ୍ର ଦାବିପତ୍ର ପ୍ରଦାନ କରୁଛନ୍ତି।

## ମୂର୍ତ୍ତି ଭଙ୍ଗାକୁ ନେଇ ଉତ୍ତେଜନା

- ଅଭିଯୁକ୍ତଙ୍କୁ ଗିରଫ ଦାବି
- ସିସିଟିଭି ଯାଞ୍ଚ କଲା ପୋଲିସ

ବାସୁଦେବପୁର,୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରର ଧାମରା ରୋଡ଼ରେ ଶିଳ୍ପୀ ଅଜୟ କୁମାର ଦାଶ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ନିର୍ମିତ ୮୦ରୁ ଊର୍ଦ୍ଧ୍ୱ ଗଣେଶ ଓ ବିଶ୍ୱକର୍ମାଙ୍କ ମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ବାସୁଦେବପୁର ଅଞ୍ଚଳର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ବାସୁଦେବପୁର ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଭଦ୍ରକ ଏସ୍‌ଡିପିଓ ସାର୍ଥକ ରାୟ ଗୁରୁବାର ପହଞ୍ଚି ବାସୁଦେବପୁର ସହର ମଧ୍ୟରେ ଥିବା କେତେକ ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ଶିଳ୍ପୀ ଅଜୟଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ. ୨୭୯/୨୧) ରୁଜୁ କରାଯାଇଛି।

## ବ୍ରାଉନସୁଗାର ଜବତ, ଯୁବକ ଗିରଫ: ସୁଧାରଗୃହ ଗଲେ ନାବାଳକ

ବାରିପଦା ଅଫିସ, ୯।୯

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଗୁରୁବାର ଚଢ଼ାଉ କରି ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିସହ ଜଣେ ଯୁବକଙ୍କୁ ଗିରଫ କରିଥିବା ବେଳେ ସମ୍ପୃକ୍ତ ନାବାଳକଙ୍କୁ ସୁଧାରଗୃହକୁ ପଠାଯାଇଛି। ଗିରଫ ଯୁବକ ହେଲେ ବାରିପଦା ଶୁନଗଡିଆ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା। ଏନେଇ ପୋଲିସ ଏକ ମାମଲା (ନଂ.୭୯୪/୨୧) ରୁଜୁ କରିଛି। ଏହି ଦୁଇଜଣ ବାଲେଶ୍ୱରରୁ ବ୍ରାଉନସୁଗାର ନେଇ ଫେରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଲବଣିଠାରେ ଚଢ଼ାଉ କରାଯାଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ ବୀରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

## ଆଖୁଆପଦାରେ ବ୍ୟାରେଜ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଭଣ୍ଡାରିପୋଖରୀ,୯।୯(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦାଠାରେ ବ୍ୟାରେଜ ନିର୍ମାଣ, କଣ୍ଟିଘାଇ ଓ ବାଲିପୋଖରୀ ଏସ୍‌କେପର ସ୍ଥାୟୀ ପ୍ରତିକାର, ବୈତରଣୀ ନଦୀ କୂଳବର୍ତ୍ତୀ ୯ ଗ୍ରାମର ସୁରକ୍ଷା ନେଇ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଗୁରୁବାର ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆବଶ୍ୟକ ଭିତ୍ତିଭୂମି ଥିବାବେଳେ ଆଖୁଆପଦାଠାରେ ବ୍ୟାରେଜ ହେଲେ ଭଣ୍ଡାରିପୋଖରୀ, ଧାମନଗର, ଭଦ୍ରକ ସମେତ ଯାଜପୁର ଜିଲାର ଦଶରଥପୁର, ଯାଜପୁର, ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବର୍ଷସାରା ଜଳସେଚନର ସୁବିଧା ହେବ ବୋଲି ସେ କହିଥିଲେ। ବ୍ରିଟିଶ ଅମଳର ଏହି ଆନିକଟକୁ ବ୍ୟାରେଜରେ ପରିଣତ ଲାଗି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା କାର୍ଯ୍ୟକାରିଣୀ ସଦସ୍ୟ ଧଳ ଜଣାଇଛନ୍ତି।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦେଉଛନ୍ତି ଭାଜପା ନେତା ବଦ୍ରିନାରାୟଣ ଧଳ।

## ଦୁର୍ବ୍ୟବହାର ନେଇ ପୌରପାଳିକା ଆକାଉଣ୍ଟାଣ୍ଟଙ୍କ ନାଁରେ ମାମଲା

### ପ୍ରତିବାଦରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାସୁଦେବପୁର, ୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଆକାଉଣ୍ଟାଣ୍ଟ ସୁଜିତ ଦାସ ଏକ ଏନ୍‌ଜିଓର ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ସହ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୨୮୧/୨୧) ରୁଜୁ କରାଯାଇଛି। ଅନ୍ୟପକ୍ଷେ ମହିଳା ଜଣଙ୍କର ଏହି ଅଭିଯୋଗର କୌଣସି ସତ୍ୟତା ନ ଥିବା କହି ପୌରପାଳିକାର ସମସ୍ତ କର୍ମଚାରୀ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଅଫିସ୍ ସମ୍ମୁଖରେ ଧାରଣାରେ ଦେଇଥିଲେ। ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବିଡିଓ ତଥା ପୌର ନିର୍ବାହୀ ଭାରପ୍ରାପ୍ତ ଅଧିକାରୀ ପ୍ରଣବ କୁମାର ବେହେରା କର୍ମଚାରୀମାନଙ୍କୁ ବୁଝାଶୁଝା କରିଥିଲେ


ଅଫିସ ସମ୍ମୁଖରେ ଧାରଣାରତ କର୍ମଚାରୀ।

ମଧ ସେମାନେ ଧାରଣାରେ ବସି ରହିଥିଲେ। ଅପରାହ୍ନରେ ଏଡିଏମ୍ ମଧୁସୂଦନ ଦାସ ପହଞ୍ଚି ଆନ୍ଦୋଳନରୁ ହଟିବାକୁ ପରାମର୍ଶ ଦେଇଥିଲେ। ଘଟଣାର ସତ୍ୟାସତ୍ୟ ପରଖାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ବୁଧବାର ଉକ୍ତ ଏନ୍‌ଜିଓର ମହିଳା କର୍ମଚାରୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ସଂସ୍ଥାର କେତେକ ବକେୟା ବିଲ୍ ପାଇଁ କାଗଜପତ୍ର ନେଇ ପୌରପାଳିକା ଆକାଉଣ୍ଟାଣ୍ଟ ସୁଜିତଙ୍କ ପାଖକୁ ଯାଇଥିଲେ। ଧାର୍ଯ୍ୟ ଟଙ୍କାଠାରୁ ପ୍ରାୟ ୪୧୮୪ ଟଙ୍କା ବିଲ୍ ଆକାଉଣ୍ଟାଣ୍ଟ କମ୍ କରିଥିଲେ। ପରେ ବିଲ୍ କାଗଜପତ୍ର ଦେଇ ସେ ସେଠାରୁ ଫେରୁଥିବା ବେଳେ ସୁଜିତ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ସୁଜିତଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କଲେ ପ୍ରକୃତ ସତ୍ୟ ପଦାକୁ ଆସିବ। ତେବେ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ସିଂ କହିଛନ୍ତି।

## ସଂକ୍ଷେପରେ

### ସାଢ଼େ ୫ ଫୁଟର ରଣା ସାପ ଉଦ୍ଧାର



ସଜନାଗଡ଼,୯ା୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ବରିସାହି ଗ୍ରାମର ମାଳି କୁଅଁରବାଡ଼ି ପଛପଟ କାଠ ଭାଡ଼ିରୁ ଏକ ସାଢ଼େ ୫ ଫୁଟ ଲମ୍ବର ରଣା ସାପ ଉଦ୍ଧାର ହୋଇଛି। ଖବରପାଇ ସାପ ଧରାଳି ହରେକୃଷ୍ଣ ରାଉତ ପହଞ୍ଚି ତାହାକୁ ଉଦ୍ଧାର କରିଥିଲେ। ପରେ ବନବିଭାଗ ସହାୟତାରେ ସାପକୁ ପାଖ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ଧରାପଡ଼ିଲେ ୫ ଡକାୟତ
#### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

ସୋର,୯ା୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମାଣତ୍ରୀ ଗ୍ରାମ ନିକଟରୁ ଗତ ୩୧ ତାରିଖରେ ଏକ ଫାଇନାନ୍ସ ସଂସ୍ଥାର ଜଣେ କର୍ମଚାରୀଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ୮୦ ହଜାର ଟଙ୍କା ଲୁଟି ନେଇଥିବା ୫ ଡକାୟତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସଦର ଥାନା ଅଧୀନ ବାଙ୍ଗରା ଅଞ୍ଚଳର ଦିଲ୍ଲୀପ କୁମାର ନାୟକ, ନୂଆପୁର ଗ୍ରାମର ଜ୍ୟୋତିଶଙ୍କର ସ୍ୱାଇଁ, ସାରଙ୍ଗ ଗ୍ରାମର ଓମ୍ ମହାଲିକ, ଆକତପୁର ଗ୍ରାମର ସରୋଜ କୁମାର ବେହେରା ଓ ନୂଆପୁର ଗ୍ରାମର ଅଶାନ୍ତ ଦାସ। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫାଇନାନ୍ସ ସଂସ୍ଥା କର୍ମଚାରୀ ସନ୍ଦୀପ କୁମାର ଜେନା ନୀଳଗିରି, ଚିନ୍ତାମଣିପୁର ସହ ଆଖପାଖ ଅଞ୍ଚଳରୁ ୮୦ ହଜାର ଟଙ୍କା ଆଦାୟ କରି ସୋର ବନ୍ଧନ ବ୍ୟାଙ୍କ ଶାଖାକୁ ଫେରୁଥିବା ବେଳେ ତାଙ୍କୁ ପିଛା କରି ଦୁର୍ବୃତ୍ତମାନେ ଏହି ଲୁଟ୍ କରିଥିଲେ। ସନ୍ଦୀପଙ୍କ ଅଭିଯୋଗକୁ ଭିତ୍ତିକରି ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀ ଏଏସ୍‌ଆଇ ପ୍ରତାପ କାଲୋ, ପ୍ରଦୀପ କୁମାର ମହାନ୍ତିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ୧୫ ହଜାର ଟଙ୍କା, ୪ଟି ମୋବାଇଲ ସହ ଭୁଜାଲି ଜବତ ହୋଇଛି।

### ଦୁର୍ଘଟଣାରେ ଆଇନଜୀବୀଙ୍କ ମୃତ୍ୟୁ

ସୋର,୯ା୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର କୋର୍ଟର ଯୁବ ଆଇନଜୀବୀ ରବୀନ୍ଦ୍ର କୁମାର ମୁଦୁଲିଙ୍କର ବୁଧବାର ରାତିରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୧ନଂ. ୱାର୍ଡସ୍ଥିତ ଘରକୁ ସେ ବାଇକ୍‌ରେ ଫେରୁଥିବା ବେଳେ ସୋର- ଅନନ୍ତପୁର ରାସ୍ତାର ଉଲ୍ଲାସଖଡ଼ଗପୁର ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାର ଆସୋସିଏସନ୍ ସଭାପତି ଅଜୟ କୁମାର ଦ୍ୱିବେଦୀ ଓ ସମ୍ପାଦକ ସଞ୍ଜୀବ କୁମାର ଦ୍ୱିବେଦୀଙ୍କ ସହ ସମସ୍ତ ଆଇନ୍‌ଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

## ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ

# ବିଚିତ୍ରପୁର ଇକୋ ଟୁରିଜମ୍

ଇକୋ ଟୁରିଜମ୍‌ସ୍ଥଳୀ ଭାବେ ମାନ୍ୟତା ପାଇଛି ବଙ୍ଗୋପସାଗର କୂଳରେ ଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବିଚିତ୍ରପୁର। ୮କି.ମି. ଲମ୍ବ ଓ ୫ କି.ମି. ପରିଧି ମଧ୍ୟରେ ଏଠାରେ ରହିଛି ୪ଟି ଛୋଟ ଛୋଟ ଆକର୍ଷଣୀୟ ଦ୍ୱୀପପୁଞ୍ଜ। ଜଙ୍ଗଲ ବିଭାଗ ପକ୍ଷରୁ ୫୦ ଏକର ଜାଗାରେ ବନୀକରଣ କରାଯାଇ ବିରଳ ପ୍ରଜାତିର ଗଛଲତା ସୃଷ୍ଟି କରାଯାଇଛି। ଗୋଟିଏ ଦିଗରେ ନୀଳଦରିଆର ଆକର୍ଷଣ, ଅନ୍ୟ ଦିଗରେ ପ୍ରକୃତିରାଣୀର ଶୋଭା, ପକ୍ଷୀଙ୍କ କାକଳିରେ ପରିବେଶ ମୁଖରିତ ହୋଇଉଠୁଛି। ଜଳକ୍ରୀଡ଼ା ସାଙ୍ଗକୁ ମନଲୋଭା ପରିବେଶ ବିଶେଷ ଭାବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହି ଦୀପଗୁଡ଼ିକରେ ଗେଣ୍ଡାଳିଆ, ଦାବେଣ୍ଟିଆ, ସାରସ, ଧଳା, କଳା ବଗ ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବରେ ପରିବେଶ ଗୁଞ୍ଜରିତ ହୋଇଥାଏ। ଏହାବ୍ୟତୀତ ଅରଣା ମହିଷୀ, ବାରହା, ବାଘ ଭଳି ଦେଖାଯାଉଥିବା ପଶୁ, ଘୁଷୁରି ଆଦି ବନ୍ୟପ୍ରାଣୀ ଦେଖାଯାନ୍ତି। ଶୀତ ଋତୁରେ ବିଦେଶାଗତ ନାନାଦି ପକ୍ଷୀ ଏହି ନିଃଶବ୍ଦ ବନାନୀରେ ଅତିଥି ଭାବେ ସାମିଲ ହୋଇଥାନ୍ତି। ଜଳରାଶିରେ ନାଲି କଙ୍କଡ଼ାର ଲୁଚକାଳି ଖେଳ, ସମୁଦ୍ର କୂଳରେ ଅଲିଭରିଡ୍‌ଲେ କଇଁଛର



ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ାଉଥିବା ବୋଟ୍।

ଅଣ୍ଡାଦାନ, ଡଲଫିନ୍‌ର ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବିମୋହିତ କରେ।

ସାମୁଦ୍ରିକ ଝଡ଼ ଓ ସମୁଦ୍ରର ଉତ୍ତାଳ ଢ଼େଉ କୂଳଆଡ଼କୁ ମାଡ଼ି ଆସି ମୃତ୍ତିକା କ୍ଷୟ କରୁଥିବାରୁ ବିଶାଳ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇ କୂଳକୁ ସୁରକ୍ଷା କରାଯାଇପାରୁଛି। ଝାଉଁ ଜଙ୍ଗଲର ସୁଲୁସୁଲିଆ ପବନ ସାଙ୍ଗକୁ ସୁ ସୁ ଶବ୍ଦ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭା ପର୍ଯ୍ୟଟକଙ୍କୁ ବାନ୍ଧି ରଖେ। ଏଠାରେ ପର୍ଯ୍ୟଟକଙ୍କ ଆଗମନ ଓ ରହଣି ନିମନ୍ତେ ସବୁଜ ବନାନୀ ମଧ୍ୟରେ ନିର୍ମାଣ ହୋଇଛି ପ୍ରକୃତି ନିବାସ। ଶୀତତାପ ନିୟନ୍ତ୍ରିତ ୬ଟି ଟେଣ୍ଟ ଓ ୪ଟି କଟେଜ କରାଯାଇଛି। ଏଠାରେ ରହିବା ପାଇଁ ପର୍ଯ୍ୟଟକଙ୍କୁ ୩୬ଶହରୁ ଊର୍ଦ୍ଧ୍ୱ ଶୁଳ୍କ ଦେବାକୁ ପଡ଼ିଥାଏ। ଟ୍ୟୁରିଜମ୍ ସ୍ତରରୁ ବିଭିନ୍ନ ଦ୍ୱୀପପୁଞ୍ଜ ଉପଭୋଗ କରିବାକୁ ଜଳରାଶିରେ ୨ଟି ସୌଖୀନ ଯନ୍ତ୍ରଚାଳିତ ଡଙ୍ଗା ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ଡଙ୍ଗାରେ ୪ରୁ ୮ଜଣ ପର୍ଯ୍ୟଟକ ଟିକେଟ କାଟି ଦ୍ୱୀପପୁଞ୍ଜ ବୁଲି ମଜା ନେବାର ସୁବିଧା କରାଯାଇଛି। ୨୦୧୩ରେ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଅଫିସ୍ ଗୃହ ସମେତ ପରିଧି ମଧ୍ୟରେ ଗୋଟିଏ ସଙ୍କୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଛି। ଭିତ୍ତିଭୂମି ସୁଦୃଢ଼ ଥିବା ଓ ଅନେକ ଆକର୍ଷଣ ଥିବା ପର୍ଯ୍ୟଟକଙ୍କ ସକାଶେ ରାସ୍ତାଘାଟକୁ ଆଲୋକୀକରଣ କରି ସଜେଇ ରଖିବା ସହ ପାନୀୟ ଜଳ ସଙ୍କଟକୁ ଦୂରୀଭୂତ କରିବାକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗତ ୟାସ୍ ବାତ୍ୟାରେ ବହୁ ମୂଲ୍ୟବାନ ଗଛ ଧରାଶାୟୀ ହୋଇଛି। ୧୩ରୁ ୧୪ଫୁଟ୍ ଉଚ୍ଚରେ ଜୁଆର ମାଡ଼ିଆସି ବହୁ କ୍ଷତି କରିଥିବାରୁ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ରାଜ୍ୟ ସରକାର ସଚେତନ ରହି ପର୍ଯ୍ୟାୟକ୍ରମେ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଯୋଗାଇ କାର୍ଯ୍ୟ କରୁଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଭୋଗରାଇ ବିଧାୟକ ଅନନ୍ତ ଦାସ ମତ ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କଲେ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ବନପାଳ ଅଜୟ ଜେନା ପ୍ରକାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁନାହିଁ ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ ପ୍ରତିକ୍ରିୟାରେ ଜଣାଇଛନ୍ତି।

-ପ୍ରଦୀପ ଦାସ, ଭୋଗରାଇ

## ଛତୁ, ମହୁ ଚାଷରେ ମହିଳା ସ୍ୱାବଲମ୍ବୀ

ରୂପସା, ୯ା୯(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା ପଞ୍ଚାୟତରେ ସୋମବାର ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କୁ ନେଇ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଡ଼ି ରବୀନ୍ଦ୍ର କୁମାର ସାହୁ, ଅର୍ମାସର ସିଇଓ ଜିତେନ୍ଦ୍ର ବିଶ୍ୱାଳ, ବିପିଏମ ନିତ୍ୟାନନ୍ଦ ଦାସ ଓ ଡିପିସି ବିଶ୍ୱଜିତ କୁମାର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାଗୋଷ୍ଠୀ ବିଭିନ୍ନ କାର୍ଯ୍ୟ କରି ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି ବୋଲି କହିଥିଲେ। ଗୋଷ୍ଠୀ ମାଧ୍ୟମରେ ତାହାରପୁର ଗ୍ରାମର ନୀଳମାଧବ ଉତ୍ପାଦ ଗୋଷ୍ଠୀ ଟେରାକୋଟା ପ୍ରୋଜେକ୍ଟରେ ୨ଟି ମେଶିନ୍ ସାହାଯ୍ୟରେ ମାଟିରେ ତିଆରି ଦୀପ ଓ ଚା କପ୍ ବିକ୍ରି କରି ସ୍ୱାବଲମ୍ବୀ ହୋଇଥିବା ବିଭାଗୀୟ ଅଧିକାରୀ ଅବଗତ ହୋଇଥିଲେ। ସେହିପରି ଜୀବନସାଗର ମହିଳା ଗୋଷ୍ଠୀ ମହୁ ଚାଷ କରି ନିଜର ପରିବାର ପୋଷଣ କରୁଥିବା ବେଳେ ମିରିଗିମୁଣ୍ଡି ଗ୍ରାମର ରାଧା ମଶ୍ରୁମ୍ ଗୋଷ୍ଠୀର ମହିଳା ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ଅତିଥିମାନେ ଉଦାହରଣ ଦେଇଥିଲେ।

# ଭାରତୀୟ ମଜଦୁର ସଂଘର ବିକ୍ଷୋଭ

ବାଲେଶ୍ୱର ଅଫିସ,୯ା୯

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ବାଲେଶ୍ୱର ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଜିଲାରେ ବନ୍ଦ ହୋଇଯାଉଥିବା ଶିଳ୍ପକୁ ତୁରନ୍ତ ଖୋଲିବା, ଆଶା, ଆଶାସାଥୀ, ଅଙ୍ଗନୱାଡ଼ି, ପାଚିକା ତଥା ଅସଙ୍ଗଠିତ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଏମ୍‌ଏସ୍ ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଉପରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର କୌଣସି ନିୟନ୍ତ୍ରଣ ନ ଥିବା ଅଭିଯୋଗ କରିଥିଲେ। ଉପଭୋକ୍ତା ଆଇନ୍‌ରେ ସଂଶୋଧନ, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ, ପେଟ୍ରୋଲିୟମ୍ ପଦାର୍ଥକୁ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ, ଗୋଟିଏ ଦେଶ ଓ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ, କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା, ଶ୍ରମିକମାନଙ୍କୁ ମୁଦ୍ରାସ୍ଫୀତି ପ୍ରଭାବର କ୍ଷତିପୂରଣ ଦରମା ବୃଦ୍ଧି ମାଧ୍ୟମରେ ପ୍ରଦାନ, ଦେଶରେ ଆଣ୍ଟିଟ୍ରଷ୍ଟ ଆଇନ୍‌କୁ କଠୋରତାର ସହିତ ଲାଗୁ କରିବା, ଜିଲାରେ ବନ୍ଦଥିବା ଦୁଇଟି ବୃହତ୍ ଶିଳ୍ପ ବିର୍ଲା ଟାୟାର୍ସ ଓ ବାଲେଶ୍ୱର ଆଲୋୟେଜ୍‌କୁ ଖୋଲିବା ସହ ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନକ କରିବା ଭଳି ଦାବି ସଂଘ ପକ୍ଷରୁ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ସୁମିତା ମହାପାତ୍ର, ଜିଲା ସଭାପତି ଶକୁନ୍ତଳା ଗୋଚ୍ଛାୟତ, ରୁପେଶ ସାମଲ, ପଦ୍ମଭୂଷଣ ରାୟ, ପ୍ରହଲ୍ଲାଦ ପରିଡ଼ା, କଳ୍ପଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା

ରୂପସା,୯ା୯(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ସତ୍ୟପ୍ରାଜ୍ଞ ବେହେରା ଏଥିରେ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ତପନ କୁମାର ବେହେରା ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟଶାଳାରେ ଦଶମ, ଯୁକ୍ତ ୨, ଯୁକ୍ତ ୩ ଶ୍ରେଣୀର ୩୫ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାର୍ଥୀ ପରିଷଦର ନଗର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# 'ବାଲେଶ୍ୱର ପୌରସଂସ୍ଥାକୁ ମହାନଗର ନିଗମ କରାଯାଉ'

## ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଲେ ନବଜ୍ୟୋତି

ବାଲେଶ୍ୱର ଅଫିସ,୯ା୯

ବାଲେଶ୍ୱର ପୌରସଂସ୍ଥାକୁ ମହାନଗର ନିଗମରେ ପରିଣତ କରିବାକୁ କଂଗ୍ରେସ ଯୁବନେତା ନବଜ୍ୟୋତି ପଟ୍ଟନାୟକ ଦାବି କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପତ୍ର ଲେଖିଛନ୍ତି। ରାଜ୍ୟ ସରକାର ଇତିମଧ୍ୟରେ କେତେକ ପୌରସଂସ୍ଥାକୁ ଉନ୍ନୀତ କରି ମହାନଗର ନିଗମରେ ପରିଣତ କରିସାରିଛନ୍ତି। ସେହିଦୃଷ୍ଟିରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହାନଗର ନିଗମମାନ ସୃଷ୍ଟି ହୋଇସାରିଛି। ଉପକୂଳବର୍ତ୍ତୀ ଓଡ଼ିଶାରେ କଟକ ଓ ଭୁବନେଶ୍ୱର ମହାନଗର ନିଗମ, ପଶ୍ଚିମ ଓଡ଼ିଶାରେ ସମ୍ବଲପୁର ଓ ରାଉରକେଲା ଏବଂ ଦକ୍ଷିଣ ଓଡ଼ିଶାରେ ବ୍ରହ୍ମପୁର ମହାନଗର ନିଗମ ଗଠିତ ହୋଇଛି। କିନ୍ତୁ ଏହି ଦୃଷ୍ଟିକୋଣରୁ ଉତ୍ତର ଓଡ଼ିଶା ପ୍ରତି ଅବହେଳା କରାଯାଇଛି। ବାଲେଶ୍ୱର ରାଜ୍ୟର ଅନ୍ୟତମ ସର୍ବପୁରାତନ ପୌରସଂସ୍ଥା ହୋଇଥିବାରୁ ତାହାକୁ ମହାନଗର ନିଗମକୁ ଉନ୍ନୀତ କରିବାକୁ ଯୁବନେତା ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାଦ୍ୱାରା ବାଲେଶ୍ୱର ସହରାଞ୍ଚଳରେ



ପ୍ରଶାସନିକ ପରିଚାଳନା ଅଧିକ ଦକ୍ଷ ହେବା ସହିତ ସହରବାସୀଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ଏତଦ୍‌ବ୍ୟତୀତ ବାଲେଶ୍ୱର ପୌରସଂସ୍ଥା ମହାନଗର ନିଗମରେ ପରିଣତ ହେବାକୁ ସମ୍ବିଧାନର ୭୪ତମ ସଂଶୋଧନ-୧୯୯୨ ଏବଂ ଓଡ଼ିଶା ପୌରାଞ୍ଚଳ ଆଇନର ସମସ୍ତ ସର୍ତ୍ତ ପୂରଣ କରୁଛି। ସେଥିପାଇଁ ବାଲେଶ୍ୱର ତଥା ସମଗ୍ର ଉତ୍ତର ଓଡ଼ିଶାବାସୀଙ୍କର ବୃହତ୍ତର ସ୍ୱାର୍ଥ ଏବଂ ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ଏହି ବିଷୟ ପ୍ରତି ଦୃଷ୍ଟିଦେବାକୁ ନବଜ୍ୟୋତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# 'ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ'

## ଭୂଗୋଳ ବିଭାଗର ଜାତୀୟ ଆଲୋଚନାଚକ୍ର

ବାଲେଶ୍ୱର ଅଫିସ,୯ା୯

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର 'ସଷ୍ଟେନେବଲ ଡେଭେଲପ୍‌ମେଣ୍ଟ:ଅନ୍ତରାଭେଲିଙ୍ଗ୍ ଦି ରିଆଲିଟିଜ୍ ଅଫ୍ ଏନଭରମେଣ୍ଟ ଆଣ୍ଡ ହେଲ୍‌ଥ୍' ବିଷୟରେ ଏକ ଆଭାସୀ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଉଦ୍‌ଘାଟନ କରିଥିଲେ।

ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ.ନିହାର ରଞ୍ଜନ ରାଉତ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ସନତ କୁମାର ଗୋଚ୍ଛାୟତ ଓ ଡାଇମଣ୍ଡ ହାରବର ମହିଳା ବିଶ୍ୱବିଦ୍ୟାଳୟର ଡ. ଶୋଭନ ଘୋଷ ନିଜ ନିଜର ଗବେଷଣାଲବ୍ଧ ବକ୍ତବ୍ୟ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ଭବିଷ୍ୟତର ସୁରକ୍ଷା ପାଇଁ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ଏଥିପାଇଁ ଆମେ ସମସ୍ତେ ଦାୟବଦ୍ଧ ହୋଇ କାମକରିବା ବୋଲି କହିଥିଲେ। ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଫକୀରମୋହନ ବିଶ୍ୱବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ ଅଂଶଗ୍ରହଣକାରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଆଭାସୀ ପାଠଚକ୍ରରେ ୩୫୫ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଆଲଜେରିଆ, ନାଇଜେରିଆ ଓ ଇଣ୍ଡୋନେସିଆ ପ୍ରଭୃତି ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ୟୁଟ୍ୟୁବ୍ ମାଧ୍ୟମରେ ଏହାକୁ ପ୍ରସାରଣ କରିବାରେ ଡ.ଅସୀମ ଅମିତାଭ ଘୋଷ ସହାୟତା କରିଥିଲେ। ପରିଚାଳନା କରିଥିଲେ ଡ. ପଲ୍ଲବ କୁମାର ମାହାତୋ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ. ସସ୍ମିତା ରାଉତ। ଡ. ଅଶେଷ କୁମାର ନାୟକ ଏଥିରେ ସହାୟତା କରିଥିବା ବେଳେ ଡ. ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

ଭୋଗରାଇ,୯ା୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଶୁଖଷଣ୍ଡା ଗ୍ରାମର ଜନୈକା କଲେଜ ଛାତ୍ରୀ ଥାନାଛକ ସ୍ଥିତ ତାଙ୍କ ନୂତନ ଘରେ ଫ୍ୟାନ୍‌ରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ସ୍ଥାନୀୟ କଲେଜର ଯୁକ୍ତ୨ରେ ପଢୁଥିଲେ ଓ ସେ ମାତାପିତାଙ୍କର ଏକମାତ୍ର ଝିଅ ଥିଲେ। ଭୋଗରାଇ ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୧/୨୧) ରୁଜୁ ହୋଇଛି।

# ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ଧାରଣା

ବସ୍ତା,୯ା୯(ଡି.ଏନ.ଏ.)

ବସ୍ତା ବ୍ଲକ ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ଭେଲୋରୋ ପଞ୍ଚାୟତକୁ ସ୍ଥାନାନ୍ତର କରାଯିବା ପ୍ରତିବାଦରେ ଆନ୍ଦୋଳନ ଜୋର ଧରିଛି। ଗୁରୁବାର ଦଳମତ ନିର୍ବିଶେଷରେ ଅଞ୍ଚଳବାସୀ ବସ୍ତା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନାଙ୍କ ସଭାପତିତ୍ୱରେ ଧାରଣା ଅନୁଷ୍ଠିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ଆନ୍ଦୋଳନର ଆବାହକ ତଥା ପତ୍ରଝଡ଼ା ପଞ୍ଚାୟତର ସମିତିସଭ୍ୟ କୋମଳ ଲୋଚନ ଜେନା ପ୍ରାରମ୍ଭିକ ସୂଚନା ଓ ସରପଞ୍ଚଙ୍କ ପ୍ରତିନିଧି ଜଗଦୀଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମ ପ୍ରସାଦ ବେହେରା, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ବ୍ଲକ ବିଜେଡି ସଭାପତି ତଥା ସଦାନନ୍ଦପୁର ସରପଞ୍ଚ ଅନିଲ୍ କୁମାର ମହାନ୍ତି ଯୋଗଦେଇ ପ୍ରଶାସନର ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଥିଲେ। ଜିଲା କଂଗ୍ରେସ କମିଟିର ଉପସଭାପତି ମନୋଜ କୁମାର ମହାନ୍ତି, ବ୍ରାହ୍ମଣଦା ପଞ୍ଚାୟତ ସମିତି ସଭ୍ୟ ରବୀନ୍ଦ୍ର କୁମାର ଦାସ, ମଥାନି ପଞ୍ଚାୟତ ସରପଞ୍ଚ ଅନିଲ କୁମାର ମହାପାତ୍ର, ବାସୁଦକୁରାଇ ପଞ୍ଚାୟତ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ପତ୍ରଝଡ଼ା ପଞ୍ଚାୟତ ବିଜେଡି ସଭାପତି ନାରାୟଣ ସାହୁ, ବ୍ଲକ୍ କଂଗ୍ରେସ ଉପସଭାପତି ପ୍ରଭାସ ମଣ୍ଡଳ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଧାରଣାରେ ବସିଥିଲେ। ଘଟଣାସ୍ଥଳକୁ ତହସିଲଦାର ନ ଆସିବାରୁ ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳୟକୁ ଧସେଇ ପସିବା ପାଇଁ ଚେଷ୍ଟା କରିଥିଲେ। ପରେ ତହସିଲଦାର ପହଞ୍ଚି ବୁଝାସୁଝା କରି ଆସନ୍ତା ସୋମବାର ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଗାମୀ ଦିନରେ ଯଦି ପ୍ରଶାସନ ନିଷ୍ପତ୍ତି ପରିବର୍ତ୍ତନ ନ କରେ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।



ବସ୍ତା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା।

# ଜିଲାରେ ହେବ ଇଥାନଲ କ୍ଲଷ୍ଟରର ସାଧାରଣ ସୁଯୋଗ କେନ୍ଦ୍ର

ବାଲେଶ୍ୱର ଅଫିସ,୯ା୯

ବାଲେଶ୍ୱରସ୍ଥିତ ଉଦ୍ୟୋଗ ଭବନ ସଭାଗୃହରେ ଜିଲା ଶିଳ୍ପ କେନ୍ଦ୍ର ଓ ବାଲେଶ୍ୱର ରାଇସ ମିଲର୍ସ କନସରସିଅମ ପ୍ରା.ଲି.ର ମିଳିତ ସହଯୋଗରେ ଏମ୍‌ଏସ୍‌ଏମ୍‌ଇ ଡିଆଇ, କଟକ ଓ ଭାରତ ସରକାରଙ୍କ ଏମ୍‌ଏସ୍‌ଇ-ସିଡିପି (ସରକାରୀ ଯୋଜନା) ଉପରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲାରେ ଇଥାନଲ କ୍ଲଷ୍ଟରର ଗୋଟିଏ ସାଧାରଣ ସୁଯୋଗ କେନ୍ଦ୍ର ପ୍ରତିଷ୍ଠା କରିବା। ଏହି ଇଥାନଲ ବାଲେଶ୍ୱର ତଥା ଭଦ୍ରକ ଓ ମୟୂରଭଞ୍ଜ ଜିଲାର ଥିବା ଆନୁମାନିକ ୪୫ଟି ରାଇସ ମିଲରୁ ବାହାରୁଥିବା ଭଙ୍ଗା ଏବଂ ଖରାପ ଚାଉଳ ସଂଗ୍ରହ କରି ତିଆରି କରାଯିବ। ଆନ୍ତର୍ଜାତିକ ବଜାରରେ ତୈଳ ଦରର ଅହେତୁକ ଅଭିବୃଦ୍ଧି ଯୋଗୁ ଭାରତ ସରକାର ଇଥାନଲକୁ ପେଟ୍ରୋଲିୟମ ଜାତ ଦ୍ରବ୍ୟ ସହ ମିଶ୍ରଣ କରିବା ପାଇଁ ଅଧିକ ସୁଯୋଗ ଦେଉଛନ୍ତି।

କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ-ଡିଆଇ, କଟକର ଯୁଗ୍ମ ନିର୍ଦ୍ଦେଶକ ଏବଂ ଏଚ୍‌ଓଓ ପବନ କୁମାର ଗୁପ୍ତା ସଭାପତିତ୍ୱ କରି କ୍ଲଷ୍ଟରର ସଦସ୍ୟାମାନଙ୍କୁ ଇଥାନଲ କ୍ଲଷ୍ଟର ପ୍ରତିଷ୍ଠା କରିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ରାଇସ ମିଲର୍ସ କନସରସିଅମ ପ୍ରା.ଲି.ର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାଲେଶ୍ୱର ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିପିନ କୁମାର ଦେହୁରି ଯୋଗଦେଇ ଏହି ପ୍ରକଳ୍ପର ଅଗ୍ରଗତି ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୟୁକୋ ବ୍ୟାଙ୍କର ଆର୍ଥିକ ସାକ୍ଷରତା ମନ୍ତ୍ରଣାଦାତା ଜାଜ୍ଜେଶ୍ୱର ପ୍ରଧାନ ବ୍ୟାଙ୍କର ଥିବା ବିଭିନ୍ନ ଆର୍ଥିକ ସହାୟତା ବିଷୟରେ ବିବରଣୀ ଦେଇଥିଲେ। ବାଲେଶ୍ୱର ରାଇସ ମିଲର୍ସ କନସରସିଅମ ପ୍ରା.ଲି.ର ନିର୍ଦ୍ଦେଶକ ବିଜୟ କୁମାର ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ଡିଆଇ, କଟକର ସହ ନିର୍ଦ୍ଦେଶକ ତଥା ସିଡିଓ ଦାମୋଦର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

